## ସଂକ୍ଷେପରେ

### ନିଖୋଜ ମହିଳାଙ୍କ ମୃତଦେହ ଜବତ

**କଣିହାଁ,୪।୭(ସଚ୍ଚିଦାନନ୍ଦ ପ୍ରଧାନ):** କଣିହାଁ ବ୍ଲକ ସମଲ ଥାନା ବିରୁ ଗ୍ରାମ ସମାକୋଇ ନଦୀ ଓ ବୁଲାଝରନାଳ ମୁହାଣରୁ ମଙ୍ଗଳବାର ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତା ମହିଳା ଜଣକ ହେଲେ ବୁରୁକୁନା ପଞ୍ଚାୟତ ମହୀଧରପୁର ଗ୍ରାମର କାମିନୀ ପ୍ରଧାନ (୭୦)। କାମିନୀ କିଛିଦିନ ହେବ ତାଙ୍କ ଝିଅ ଘର ଗହମ ଗ୍ରାମରେ ରହିଆସୁଥିଲେ। ୧୫ଦିନ ତଳୁ ସେ ନିଖୋଜ ଥିବା ନେଇ ଝିଅଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ତେବେ ମୁହାଁଣରେ ଭାସୁଥିବା ମୃତଦେହ ଚିହ୍ନଟ କରି ପରିବାର ଲୋକେ ସମଲ ଥାନାକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି କଣିହାଁ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

### ହଣ୍ଡପାରୁ ବାଇକ ଚୋରି

**ବଇଣ୍ଡା,୪।୭(ପରିକ୍ଷିତ ସାହୁ):** କିଶୋରନଗର ବ୍ଲକ ହଣ୍ଡପା ଥାନା ହଣ୍ଡପା ଗ୍ରାମରୁ ସୋମବାର ଏକ ବାଇକ୍ ଚୋରି ହୋଇଛି। ଏ ନେଇ ବାଇକ୍ ମାଲିକ ବିଦ୍ୟୁତ୍ କୁମାର ସାହୁ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ବିଦ୍ୟୁତ୍ ଉଲ୍ଲେଖ କରିଛନ୍ତି, ଘର ଗ୍ରୀଲ ଭାଙ୍ଗି କେହି ଦୁର୍ବୃତ୍ତ ତାଙ୍କ ବାଇକ୍ ଚୋରି କରି ନେଇଛନ୍ତି। ପୋଲିସ ନମ୍ବର ୧୭୬/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### କଣିହାଁରେ ହାତୀ ଉପଦ୍ରବ

**କଣିହାଁ,୪।୭(ସଚ୍ଚିଦାନନ୍ଦ ପ୍ରଧାନ)-** କଣିହାଁ ବନାଞ୍ଚଳ ଅଧୀନ ବିଭିନ୍ନ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଛେଣ୍ଡିପଦା ବନାଞ୍ଚଳ କୋଶଳା ଜଙ୍ଗଲ ଦେଇ ଜାମୁଯୋଡି ଗାଁକୁ ପଶିଆସିଥିବା ଏକ ଦନ୍ତା ହାତୀ ଜଣେ ବ୍ୟକ୍ତିଙ୍କ ଛପର ଭାଙ୍ଗି ଘର ଭିତରେ ଥିବା ଧାନ ଖାଇଯାଇଥିଲା। ପରେ ମାଳପଶି ଗ୍ରାମକୁ ଆସି ଘର ଭାଙ୍ଗିବା ସହ ଜଣେ ବ୍ୟକ୍ତିଙ୍କ ଗଚ୍ଛିତ ଧାନ, ଚାଉଳ ଖାଇ ନଷ୍ଟ କରିଦେଇଥିଲା। ସେହିପରି ଜରଡ଼ା, ତେଲିସିଂହା, କମରେଇ ଅଞ୍ଚଳରେ ପ୍ରବେଶ କରି କେତେଜଣଙ୍କ ଘର, କବାଟ, ଗ୍ରୀଲ ଆଦି ଭାଙ୍ଗି ଦେଇଛି। ଏ ନେଇ କଣିହାଁ ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରୀ କହିଛନ୍ତି, ଜାମୁଜୋଡିର ନିର୍ମଳ ଗଡ଼ନାୟକ, ମାଳପଶି ଗ୍ରାମର ଭକ୍ତ ଭୋଇଙ୍କ ସହିତ ଜିତେନ୍ଦ୍ର ପ୍ରଧାନ ଓ ଲଳିତ ଦେହୁରୀଙ୍କ ଘର ହାତୀ ଯୋଗୁ କ୍ଷତିଗ୍ରସ୍ତ ହୋଇଛି। ବିଭାଗର ତରଫରୁ ତଦନ୍ତ କରାଯାଇ କ୍ଷତିପୂରଣ ପ୍ରଦାନ କରାଯିବ। ଉକ୍ତ ଦନ୍ତାହାତୀ ଏବେ ତାଳଚେର ବନାଞ୍ଚଳ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲରେ ଅଛି। ବନ କର୍ମଚାରୀମାନେ ହାତୀ ଉପରେ ନଜର ରଖିଛନ୍ତି।

### ମଦ ଜବତ, ଜଣେ ଗିରଫ

**ବଇଣ୍ଡା,୪।୭(ପରିକ୍ଷିତ ସାହୁ):** କିଶୋରନଗର ବ୍ଲକ ହଣ୍ଡପା ପୋଲିସ ମଙ୍ଗଳବାର ବୁଦୁଲିମୁଣ୍ଡା ଗ୍ରାମରେ ଚଢ଼ାଉ କରି ଅଶୋକ କୁମାର ବେହେରାଙ୍କ ଘରୁ ୧୦ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରିଛି। ସେ ଘରେ ବେଆଇନ ଭାବେ ମଦ ବିକ୍ରି କରୁଥିବା ଖବରପାଇ ଆଇଆଇସି ନମିତା ନାୟକ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏ ନେଇ ନମ୍ବର ୧୭୮/୨୩ ରେ ଏକ ମାମଲା ରୁଜୁ ହୋଇଛି।

### ଯୁବକଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୪।୭(ପରିକ୍ଷିତ ସାହୁ):** କିଶୋରନଗର ବ୍ଲକ ହଣ୍ଡପା ଥାନା ଧଉରାଗୋଠ ଗ୍ରାମର ବବ୍ରୁବାହାନ ସାହୁଙ୍କୁ ସେହି ଗ୍ରାମର ସନ୍ତୋଷ ସାହୁ, ଆଦିକନ୍ଦ ସାହୁ ମାଡ଼ ମାରିଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୧୭୭/୨୩ରେ ଏକ ମାମଲା ରୁଜୁ କରିଛି। ବବ୍ରୁବାହାନଙ୍କ ଜମିରେ ସନ୍ତୋଷ ଓ ଆଦିକନ୍ଦ ଏକ ଜେସିବି ମେସିନ ଆଣି ଖୋଳୁଥିଲେ। ବବ୍ରୁବାହାନ ଏହାର ପ୍ରତିବାଦ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ସନ୍ତୋଷ ଓ ଅଦିକନ୍ଦ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ୩ ସୋମବାର ଜଳଲାଗି

- ଶ୍ରାବଣ କାଉଡ଼ିଯାତ୍ରା ପାଇଁ ପ୍ରସ୍ତୁତି
- ପୀଠରେ ପ୍ଲାଷ୍ଟିକ, ପଲିଥିନ ସମ୍ପୂର୍ଣ୍ଣ ନିଷେଧ
- କାଉଡ଼ିଆଙ୍କଠାରୁ ଅର୍ଥ ଆଦାୟ ହେବନି
- ହାତୀ ଗତିବିଧି ଉପରେ ରଖାଯିବ ନଜର



ବୈଠକରେ ଜିଲାପାଳ, ଏସ୍‌ପିଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ, ୪।୭(ରତନ ନାୟାର)**

ଯୋଡ଼ା ଶ୍ରାବଣରେ ଜଳାଭିଷେକକୁ ନେଇ ଦୂର ହୋଇଛି ଦ୍ୱନ୍ଦ୍ୱ। ବିଶ୍ୱପ୍ରସିଦ୍ଧ ଶୈବପୀଠ କପିଳାସ ସମେତ ଢେଙ୍କାନାଳ ଜିଲାର ୧୨ ଶୈବ କ୍ଷେତ୍ରରେ ଜୁଲାଇ ୧୦, ଅଗଷ୍ଟ ୨୧ ଏବଂ ୨୮ ତାରିଖରେ ପଡୁଥିବା ସୋମବାରରେ ଜଳଲାଗି କରାଯିବ। ରାଜପୁରୋଧା ପଞ୍ଚାନନ ମିଶ୍ରଙ୍କ ଗଣନା ଅନୁଯାୟୀ ଏହି ନୀତିନିର୍ଘଣ୍ଟ ସ୍ଥିରୀକୃତ ହୋଇଛି। କାଉଡ଼ିଯାତ୍ରାକୁ ଶୃଙ୍ଖଳିତ କରିବା ଲାଗି ମଙ୍ଗଳବାର ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଜିଲାପାଳ ସରୋଜ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି।

କାଉଡ଼ିଯାତ୍ରା ସମୟରେ ଶୈବପୀଠଗୁଡ଼ିକ ଆବର୍ଜନାମୟ ହୋଇପଡୁଛି। ଏହାକୁ ରୋକିବା ଲାଗି ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଶୋଭାଯାତ୍ରାରେ ଡିଜେ ସାଉଣ୍ଡ ଉପରେ କଟକଣା ଜାରି କରାଯାଇଛି। କେବଳ କାଉଡ଼ିଯାତ୍ରା ନୁହେଁ, ଏଣିକି ଜିଲାର କୌଣସି ପୂଜା ଉତ୍ସବ, ସମାରୋହ ଏବଂ କାର୍ଯ୍ୟକ୍ରମରେ ଡିଜେ ସାଉଣ୍ଡ ବାଜିବ ନାହିଁ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କପିଳାସ ପୀଠକୁ ଲକ୍ଷାଧିକ କାଉଡ଼ିଆଙ୍କ ସମାଗମ ହେଉଥିବାରୁ ସେଠାରେ ଅସ୍ଥାୟୀ ଶୌଚାଳୟ ଏବଂ ପାନୀୟ ଜଳଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ପୌର କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଛି। କାଉଡ଼ିଆଙ୍କଠାରୁ କୌଣସି ପ୍ରକାର ଅର୍ଥ ଆଦାୟ ହେବନାହିଁ। ଶ୍ରଦ୍ଧାଳୁଙ୍କୁ ନେବାଆଣିବାରେ ନିୟୋଜିତ ଗାଡ଼ି ଯେପରି ଧାର୍ଯ୍ୟ ଭଡ଼ାଠାରୁ ଅଧିକ ନେବେନାହିଁ, ସେଥିପ୍ରତି ଧ୍ୟାନ ଦେବାକୁ ଜିଲାପାଳ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କାଉଡ଼ିଆଙ୍କ ସୁରକ୍ଷା ଦୃଷ୍ଟିରୁ ହାତୀଙ୍କ ଗତିବିଧି ଉପରେ ନଜର ରଖିବା, ନଦୀରୁ ଜଳ ଉଠାଇବା ବେଳେ ସତର୍କତା ଅବଲମ୍ବନ କରିବା, ଶ୍ରଦ୍ଧାଳୁଙ୍କ ସୁରକ୍ଷା ଲାଗି ନଦୀ କୂଳରେ ଓଡ୍ରାଫ୍, ଅଗ୍ନିଶମ ବାହିନୀ ମୁତୟନ କରିବା ଆଦି ବିଷୟରେ ଆଲୋଚନା ହୋଇଛି। କାଉଡ଼ିଆଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ କପିଳାସ ପୀଠ ପରିସର ଏବଂ ପାଦଦେଶରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର, ଆମ୍ବୁଲାନ୍ସ ବ୍ୟବସ୍ଥା କରାଯିବ। ଖାଦ୍ୟର ମାନ ଯାଞ୍ଚ ହେବ। ଟ୍ରାଫିକ୍ ଓ ଆଇନଶୃଙ୍ଖଳା ରକ୍ଷା ପାଇଁ ଯଥେଷ୍ଟ ପୋଲିସ ଫୋର୍ସ ମୁତୟନ ହେବେ। ଭିଡ଼ ନିୟନ୍ତ୍ରଣରେ ଏନ୍‌ସିସି, ସ୍କାଉଟ୍ସ, ସ୍ୱେଚ୍ଛାସେବୀ ନିୟୋଜିତ ହେବେ ବୋଲି ନିଷ୍ପତ୍ତି ହୋଇଛି।

ପ୍ରାରମ୍ଭରେ ଜିଲା ଦେବୋତ୍ତର ନିର୍ବାହୀ ଅଧିକାରୀ ତଥା ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ କାଉଡ଼ି ଯାତ୍ରାର ସୁପରିଚାଳନା ସମ୍ପର୍କରେ ସୂଚନା ଦେଇଥିଲେ। ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ଜିଲା ବନଖଣ୍ଡ ଅଧିକାରୀ ସୁମିତ କର, କାମାକ୍ଷାନଗର ଉପଜିଲାପାଳ ନାରାୟଣ ନାୟକ, ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, କାମାକ୍ଷାନଗର ଏସ୍‌ଡିପିଓ ରଞ୍ଜନ ଦେ, ସଦର ବିଡିଓ ସୁଧୀର ନାୟକ, ଗଁଦିଆ ବିଡିଓ ଆଶିଷ ସାହୁଙ୍କ ସମେତ ଟାଉନ, ସଦର, ଗଁଦିଆ, ଭୁବନ, ମୋଟଙ୍ଗା, କଣ୍ଟବଣିଆ ଥାନାର ଅଧିକାରୀମାନେ ବୈଠକରେ ଯୋଗଦେଇଥିଲେ।

# ଜିଲା ସଭାପତି ଦୌଡ଼ରେ ଦୁଇ ବିଧାୟକ

### ଢେଙ୍କାନାଳ ବିଜେଡିରେ ପରିବର୍ତ୍ତନ ଚର୍ଚ୍ଚା

**ଢେଙ୍କାନାଳ, ୪।୭(ରତନ ନାୟାର)**

ଢେଙ୍କାନାଳ ଜିଲା ବିଜେଡିରେ ଖୁବ୍‌ଶୀଘ୍ର ପରିବର୍ତ୍ତନ ହେବ ବୋଲି ଦଳୀୟ କର୍ମୀ ମହଲରେ ଆଲୋଚନା ଜୋର୍ ଧରିଛି। ଗୁରୁତ୍ୱପୂର୍ଣ୍ଣ ପଦପଦବୀଗୁଡ଼ିକରେ ଅଭିଜ୍ଞ ଯୁବନେତୃତ୍ୱଙ୍କୁ ପ୍ରାଧାନ୍ୟ ଦିଆଯିବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଜଣେ ବ୍ୟକ୍ତି, ଗୋଟିଏ ପଦବୀ'କୁ ଗୁରୁତ୍ୱ ଦେଉଛନ୍ତି। ତଦନୁଯାୟୀ ଜିଲା ସଭାପତି ମଧ୍ୟ ବଦଳିବେ ବୋଲି ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ଏହି ପଦବୀ ଦୌଡ଼ରେ ଢେଙ୍କାନାଳ ବିଧାୟକ ସୁଧୀର ସାମଲ ଏବଂ ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ ଆଗରେ ରହିଛନ୍ତି।

ଆଗକୁ ସାଧାରଣ ନିର୍ବାଚନ ଥିବାରୁ ସଙ୍ଗଠନକୁ ସୁଦୃଢ଼ କରିବା ଲାଗି ଜିଲା ବିଜେଡିରେ ବ୍ୟାପକ ପରିବର୍ତ୍ତନ କରାଯିବ ବୋଲି ଦୀର୍ଘଦିନ ଧରି ଚର୍ଚ୍ଚା ହେଉଛି। ନିକଟରେ ଜିଲା ସଭାପତି ଥିବା କାମାକ୍ଷାନଗର ବିଧାୟକ ତଥା ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ପଦବୀରୁ ଇସ୍ତଫା ଦେଇଥିବା ଜଣାପଡ଼ିଛି। ସେ ଏବେ କଟକ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଅଛନ୍ତି। ତେଣୁ ଜିଲା ସଭାପତି ପଦବୀରେ ଢେଙ୍କାନାଳ ଏବଂ ପରଜଙ୍ଗ ବିଧାୟକଙ୍କ ନାମକୁ ନେଇ ଚର୍ଚ୍ଚା ହେଉଛି। ତେବେ ଢେଙ୍କାନାଳ ବିଧାୟକ ସାମଲ ବରଗଡ଼ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବାରୁ ସଭାପତି ପଦବୀ ଲାଗି ବରିଷ୍ଠ ବିଜେଡି ନେତା ତଥା ବିଧାୟକ ଡା. ନୃସିଂହ ଚରଣ ସାହୁଙ୍କ ନାମ ସର୍ବାଗ୍ରେ ରହିଛି। ଏଥିପୂର୍ବରୁ ନୃସିଂହ ଜିଲା ସଭାପତି ଥିଲେ। ଏଥିସହ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି। ତେଣୁ ତାଙ୍କ ଉପରେ ରାଜ୍ୟ ନେତୃତ୍ୱ ଆସ୍ଥା ପ୍ରକଟ କରିପାରନ୍ତି ବୋଲି ଆଭ୍ୟନ୍ତରୀଣ ମହଲରୁ ଜଣାପଡ଼ିଛି। ଅନ୍ୟପଟେ ନୂତନ ସଭାପତି ନିଯୁକ୍ତିକୁ ନେଇ ବିଭିନ୍ନ ସ୍ଥାନରେ ରୁଦ୍ଧଦ୍ୱାର ବୈଠକ ହେଉଛି। ଢେଙ୍କାନାଳ ଜିଲା ପର୍ଯ୍ୟବେକ୍ଷକ ଥିବା ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ନିକଟରେ ଜିଲାର ବରିଷ୍ଠ ନେତାଙ୍କ ସହ ଏକ ହୋଟେଲରେ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ତେବେ କାହା ନାମରେ ମୋହର ବାଜିବ ତାହା ସ୍ପଷ୍ଟ ହୋଇନାହିଁ। ଜିଲାରେ ଏବେ କେହି ସଭାପତି ନ ଥିବାରୁ କର୍ମୀମାନେ ନିଜ ଅଞ୍ଚଳର ନେତାଙ୍କୁ ନେଇ ପୃଥକ୍ କାର୍ଯ୍ୟକ୍ରମ କରୁଛନ୍ତି। ତେଣୁ ଖୁବ୍‌ଶୀଘ୍ର ସଭାପତି ଚୟନ କରାଯିବ ବୋଲି ଜଣାପଡ଼ିଛି।

ଏ ସଂକ୍ରାନ୍ତରେ ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର କୁହନ୍ତି, ବିଜେଡି ଏକ ଶୃଙ୍ଖଳିତ ଦଳ। ଏଠାରେ ବିଶୃଙ୍ଖଳାର କୌଣସି ସ୍ଥାନ ନାହିଁ। ରାଜ୍ୟ ସଭାପତି ଯାହାକୁ ସଭାପତି ଭାବେ ନିଯୁକ୍ତ କରିବେ, ଆମେ ତାଙ୍କୁ ସ୍ୱାଗତ କରିବା ସହ ସମସ୍ତ ସହଯୋଗ ପ୍ରଦାନ କରିବୁ।

# ମଦ ଭାଟି ସ୍ଥାନାନ୍ତର ନ ହେଲେ ଆନ୍ଦୋଳନ


ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ବଇଣ୍ଡା,୪।୭(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡାଠାରେ ଥିବା ଦେଶୀ ମଦ ଭାଟି ସ୍ଥାନାନ୍ତର କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଜନବସତି ଅଞ୍ଚଳରେ ଏହି ଭାଟି ଥିବାରୁ ଅସନ୍ତୋଷ ଦେଖାଦେଇଛି। ମଦଭାଟିରୁ ବାହାରୁଥିବା ବର୍ଜ୍ୟ ନିକଟବର୍ତ୍ତୀ ଜଳଉତ୍ସକୁ ପ୍ରଦୂଷିତ କରୁଥିବା ଗ୍ରାମବାସୀ ଅଭିଯୋଗ କରିବା ସହ ମଙ୍ଗଳବାର ଭାଟି କର୍ମଚାରୀଙ୍କୁ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଗ୍ରାମବାସୀ କହିଛନ୍ତି, ମଦ ଭାଟିରୁ ବାହାରୁଥିବା ଦୁର୍ଗନ୍ଧ ଯୋଗୁ ୨୦୦ରୁ ଅଧିକ ଘରର ଲୋକେ ଅସ୍ୱାସ୍ଥ୍ୟକର ପରିବେଶରେ ରହୁଛନ୍ତି। ନିକଟରେ ୨ଟି ବିଦ୍ୟାଳୟ ଥିବାରୁ ଛାତ୍ରୀଛାତ୍ରମାନେ ଭଲରେ ପାଠ ପଢି ପାରୁନାହାନ୍ତି। ଭାଟିରୁ ବାହାରୁଥିବା ପୋଚ ଅନ୍ୟତ୍ର ପକାଯାଉ ନ ଥିବାରୁ ତାହା ଗାଁର ଖୋଲା କୂଅ ଓ ନଳ କୂଅ ପାଣିକୁ ଦୂଷିତ କରିଦେଉଛି। ଫଳରେ ଉକ୍ତ ପାଣି ବ୍ୟବହାର କରାଯାଇପାରୁନାହିଁ। ଏଥିସହ ଦିନ ତମାମ ମଦ୍ୟପଙ୍କ ଭିଡ଼ ଜମୁଥିବାରୁ ସାହିର ମହିଳାମାନେ ରାସ୍ତାରେ ଯିବାକୁ ନିରାପଦ ମଣୁନାହାନ୍ତି। ଭାଟି କର୍ମଚାରୀମାନେ ସରକାରୀ ନିୟମ ଉଲ୍ଲଂଘନ କରି ଦିନତମାମ ମଦ ରାନ୍ଧୁଥିବା ଯୋଗୁ ଦୁର୍ଗନ୍ଧରେ ନାକ ଫାଟୁଛି। ତୁରନ୍ତ ଉକ୍ତ ଭାଟିକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଗ୍ରାମ ସମ୍ପାଦକ ଲକ୍ଷ୍ମୀଧର ବେହେରା, ଶୁଭେନ୍ଦୁ ମୋହନ ସାହୁ, ବିପିନ ପରିଡା, ମାନସ ରଞ୍ଜନ ସାହୁ, ବସନ୍ତ ଗଡ଼ନାୟକ, ରାଜୁ ସାହୁ, ବସନ୍ତ କୁମାର ସାହୁ ପ୍ରମୁଖ ଦାବି କରିଛନ୍ତି।

### ଚୋରା ଗାଡ଼ି କିଣି ଯୁବକ ଗିରଫ

**ଅନୁଗୋଳ, ୪।୭(ଅମିତ୍ ସାମଲ)**

ଚୋରି ହୋଇଥିବା ସ୍କୁଟି କିଣିବା ଅଭିଯୋଗରେ ଅନୁଗୋଳ ପୋଲିସ ଝାରସୁଗୁଡ଼ା ଥାନା ଅଞ୍ଚଳର ଡେଭିଡ୍ କୁମାର ସେନାପତି (୨୫) ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ଗତ ମାର୍ଚ୍ଚରେ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ନିକଟରୁ ହେମସୁରପଡ଼ା ଅଞ୍ଚଳର ରାଜବଲ୍ଲଭ ମହାନ୍ତିଙ୍କ ସ୍କୁଟି (ନଂ. ଓଡି ୧୯ କ୍ୟୁ ୦୪୫୧) ଚୋରି ହୋଇଥିଲା। ଦୁଇ ଦିନ ତଳେ ମେଡିକାଲ ନିକଟରୁ ଗାଡ଼ି ଚୋରି କରିଥିବା ଅଭିଯୋଗରେ ଜଣେ ଯୁବକ ଧରାପଡ଼ିଥିଲେ। ସେ ହିଁ ରାଜବଲ୍ଲଭଙ୍କ ସ୍କୁଟି ଚୋରି କରିଥିବା ଜଣାପଡ଼ିଥିଲା। ତେବେ ଅଭିଯୁକ୍ତ ଯୁବକ ଜଣକ ଗାଡ଼ିଟିକୁ ଡେଭିଡ୍‌ଙ୍କୁ ବିକ୍ରି କରିଦେଇଥିଲେ।

# ଲାଗିଲା ୧୩୦ ଚାରା


ଚାରାରୋପଣ କାର୍ଯ୍ୟକ୍ରମରେ କମ୍ପାନୀ କର୍ମଚାରୀ, ସାମ୍ବାଦିକ ସଂଘ ସଦସ୍ୟ ଏବଂ ଗ୍ରାମବାସୀ।

**ଢେଙ୍କାନାଳ, ୪।୭(ରତନ ନାୟାର)**

ଟାଟା ଷ୍ଟିଲ୍ ମେରାମଣ୍ଡଳୀ ଏବଂ ଓଡ଼ାପଡ଼ା ବ୍ଲକ ସାମ୍ବାଦିକ ସଂଘର ମିଳିତ ସହଯୋଗରେ ମାଳବିଡ଼ୋ ଗ୍ରାମରେ ମଙ୍ଗଳବାର ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ସ୍ଥାନୀୟ ମନ୍ଦିର ପ୍ରାଙ୍ଗଣରେ ବିଭିନ୍ନ ପ୍ରଜାତିର ୧୩୦ ଚାରା ରୋପଣ କରାଯାଇଥିଲା। ଏଥିରେ ସାମ୍ବାଦିକ ସଂଘ ସଦସ୍ୟ, ମାଳବିଡ଼ୋ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। କମ୍ପାନୀ ନର୍ସରିରୁ ଚାରା ଯୋଗାଇ ଦିଆଯାଇଥିଲା। ଟାଟା ଷ୍ଟିଲ୍ ମେରାମଣ୍ଡଳୀ କର୍ପୋରେଟ କମ୍ୟୁନିକେଶନ ଅଧିକାରୀ ସହଯୋଗ କରିଥିଲେ। ପରିବେଶ ସୁରକ୍ଷାରେ ଗଛର ଭୂମିକା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

# ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

**କଣିହାଁ,୪।୭(ସଚ୍ଚିଦାନନ୍ଦ ପ୍ରଧାନ)**

ଗୋଡ଼ିବନ୍ଧ ପେଟ୍ରୋଲ୍ ପମ୍ପଠାରେ ପାର୍କିଂ କରାଯାଇଥିବା ଟ୍ରକ୍‌ରେ ପିଟି ହୋଇ ପ୍ରାଣ ହରାଇଥିବା କଣିହାଁ ବ୍ଲକ ବିଜିଗୋଳ ପଞ୍ଚାୟତ ବାରଡାଙ୍ଗୁଆ ଗ୍ରାମର ଜିତେନ୍ଦ୍ର କୁମାର ପ୍ରଧାନଙ୍କ ପରିବାରକୁ ମିଳିବ ଆର୍ଥିକ ସହାୟତା। ମଙ୍ଗଳବାର ଏକ କମ୍ପାନୀ ପକ୍ଷରୁ ଏ ନେଇ ପ୍ରତିଶ୍ରୁତି ଦିଆଯିବା ପରେ ମୃତକଙ୍କ ପରିବାର ଲୋକେ ଜାରି ରଖିଥିବା ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ପ୍ରକାଶ ଯେ, ମୃତକଙ୍କ ପରିବାର ଲୋକେ କ୍ଷତିପୂରଣ ଦାବିରେ ସୋମବାର ରାତିଠାରୁ ଆନ୍ଦୋଳନରେ ବସିଥିବାରୁ ଉକ୍ତ କମ୍ପାନୀକୁ କୋଇଲା ପରିବହନ ବନ୍ଦ ହୋଇଯାଇଥିଲା। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ସରପଞ୍ଚ ରୁକ୍ମିଣୀ ପ୍ରଧାନ, ଶାନ୍ତନୁ ପ୍ରଧାନ, ବୃନ୍ଦାବନ ପ୍ରଧାନ, ସମିତିସଭ୍ୟ ପ୍ରଦ୍ୟୁମ୍ନ ମହାପାତ୍ର ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। କମ୍ପାନୀ କର୍ତ୍ତୃପକ୍ଷ, ପ୍ରଶାସନିକ ଅଧିକାରୀଙ୍କୁ ନେଇ ବ୍ଲକ ସମ୍ମିଳନୀ କକ୍ଷରେ ସମାଧାନ ପାଇଁ ଆଲୋଚନା ହୋଇଥିଲା। କମ୍ପାନୀ କର୍ତ୍ତୃପକ୍ଷ ଶୁଦ୍ଧିକ୍ରିୟା ପାଇଁ ନଗଦ ୫୦ ହଜାର ଓ ୩ ଲକ୍ଷ ୫୦ ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



# ଧରାପଡ଼ିଲେ ଜିତେନ୍

### ଥାନା, ଫାଣ୍ଡିରେ ୩୦ ବାଇକ୍ ଚୋରି ମାମଲା



**ଢେଙ୍କାନାଳ, ୪।୭(ରତନ ନାୟାର)**

ସରକାରୀ, ବେସରକାରୀ କାର୍ଯ୍ୟାଳୟ ସମ୍ମୁଖ, ଜନଗହଳିପୂର୍ଣ୍ଣ ସ୍ଥାନରୁ ଆଖି ପିଛୁଳାକେ ଚୋରି କରିନେଉଥିଲେ ବାଇକ୍। କୌଶଳକ୍ରମେ ଗାଡ଼ିଗୁଡ଼ିକୁ ଜିଲା ଓ ଜିଲା ବାହାରେ ବିକ୍ରି କରିଦେଉଥିଲେ। ଢେଙ୍କାନାଳ ଜିଲା ପୋଲିସର ମୁଣ୍ଡବ୍ୟଥା ବଢ଼ାଇଥିବା ବାଇକ୍ ଚୋରି ର୍‍ୟାକେଟ୍‌ର ମାଷ୍ଟର ମାଇଣ୍ଡ ତଥା କଟକ ଜିଲା ଖୁଣ୍ଟୁଣୀ ଥାନା ଅଧୀନ ଖଣ୍ଡବନ୍ଧ ଗ୍ରାମର ଜିତେନ୍ ବେହେରା ଶେଷରେ ଧରାପଡ଼ିଛନ୍ତି। ଏହି ଘଟଣାରେ ଅନ୍ୟ କେତେଜଣଙ୍କ ସମ୍ପୃକ୍ତି ଥିବା ଅନୁମାନ କରାଯାଉଥିବାବେଳେ ପୋଲିସ ଅଭିଯୁକ୍ତଙ୍କ ତଥ୍ୟ ଆଧାରରେ ତନାଘନା ଆରମ୍ଭ କରିଛି।

ପୋଲିସ ସୂଚନା ଅନୁଯାୟୀ, ଜିତେନ ଜଣେ ପେସାଦାର ଅପରାଧୀ। ତାଙ୍କ ନାମରେ ଢେଙ୍କାନାଳ ଜିଲାର ବିଭିନ୍ନ ଥାନା, ଫାଣ୍ଡିରେ ୩୦ ବାଇକ୍ ଚୋରି ମାମଲା ରହିଛି। ଗତ ୨୧ ତାରିଖରେ ଜିଲା କୋର୍ଟ ସମ୍ମୁଖରୁ ଏକ ବାଇକ୍ (ନଂ. ଓଡି ୦୫-୯୩୭୦) ଚୋରି ହୋଇଥିଲା। ଏଥିରେ ଜିତେନଙ୍କ ସମ୍ପୃକ୍ତି ଥିବା କୌଣସି ସୂତ୍ରରୁ ସୂଚନା ମିଳିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ରବିବାର କାମାକ୍ଷାନଗର ଅଞ୍ଚଳରୁ ଜିତେନ ଧରାପଡ଼ିଥିଲେ। ତାଙ୍କୁ ପଚରାଉଚରା ପରେ ବାଇକ୍‌ଟି ସୁନ୍ଦରଗଡ଼ ଜିଲା ବଣାଇରେ ଥିବା ସୂଚନା ମିଳିଥିଲା। ଟାଉନ ଥାନା ପୋଲିସର ଏକ ଟିମ୍ ଉକ୍ତ ବାଇକ୍‌କୁ ସୋମବାର ଜବତ କରି ଆଣିଛନ୍ତି। ଏ ନେଇ ଥାନାରେ ନଂ. ୪୨୮/୨୩ରେ ଏକ ମାମଲା ରୁଜୁ ହୋଇଛି। ଉଦ୍ଧାର ବାଇକ୍‌କୁ ଏହାର ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

# ବର୍ଷାରେ ବେହାଲ ଏନ୍‌ଏଚ୍ ୫୫

- ପ୍ରତିଶ୍ରୁତି ପୂରଣ କଲାନି ଏନ୍‌ଏଚ୍‌ଏଆଇ
- ଜୁନ୍ ଗଲା, ଶେଷ ହେଲାନାହିଁ ରାସ୍ତା କାମ


୫୫ନଂ ଜାତୀୟ ରାଜପଥରେ ଖାଲଖମା ହୋଇ ଜଳମଗ୍ନ।

**ଢେଙ୍କାନାଳ, ୪।୭(ରତନ ନାୟାର)**

ଧାର୍ଯ୍ୟ ସମୟ ବିତିଲା। ହେଲେ ୫୫ନଂ. ଜାତୀୟ ରାଜପଥ କାର୍ଯ୍ୟ ଶେଷ ହେଲାନାହିଁ। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଥିବାବେଳେ ବର୍ଷାରେ ବେହାଲ ହୋଇପଡ଼ିଛି ୪ ଜିଲାବାସୀଙ୍କ ଜୀବନରେଖା।

କଟକ, ଢେଙ୍କାନାଳ, ଅନୁଗୋଳ ଏବଂ ସମ୍ବଲପୁର ଜିଲାର ଅନ୍ୟତମ ବ୍ୟସ୍ତବହୁଳ ତଥା ଗୁରୁତ୍ୱପୂର୍ଣ୍ଣ ୫୫ନଂ. ଜାତୀୟ ରାଜପଥ କେବେ ପୂର୍ଣ୍ଣାଙ୍ଗ ରୂପ ନେବ, ତାହାର ଉତ୍ତର କାହାରି ପାଖରେ ନାହିଁ। ଏନ୍‌ଏଚ୍‌ଏଆଇ ବାରମ୍ବାର ଦିନ ଗଡ଼ାଇ ଚାଲିଥିବାବେଳେ ମୌସୁମୀ ବର୍ଷାରେ ଖାଲଖମାରେ ଭର୍ତ୍ତି ହୋଇଥିବା ରାସ୍ତା ମରଣଯନ୍ତା ପାଲଟିଛି। ଫଳରେ ୨୦୧୮ରୁ ଅଦ୍ୟାବଧି ଯାତନା ଭୋଗୁଛନ୍ତି ୪ ଜିଲାର ବାସିନ୍ଦା।

ଜାତୀୟ ରାଜପଥ ୫୫ ସମ୍ପ୍ରସାରଣ କାର୍ଯ୍ୟ ଶେଷ କରିବା ଲାଗି ଗତ ଜୁନ୍‌ରେ ଜିଲା ପ୍ରଶାସନ, ଏନ୍‌ଏଚ୍‌ଏଆଇ ଅଧିକାରୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଜୁନ୍ ୩୦ ସୁଦ୍ଧା ରାସ୍ତା କାମ ଏବଂ ଡିସେମ୍ବର ସୁଦ୍ଧା ସମସ୍ତ ଓଭରବ୍ରିଜ କାମ ଶେଷ ହେବ ବୋଲି ଏନ୍‌ଏଚ୍‌ଏଆଇ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଜୁନ୍ ଶେଷ ହୋଇଯାଇଥିବାବେଳେ ୫୦% କାମ ମଧ୍ୟ ସରି ନ ଥିବା ଜଣାପଡ଼ିଛି। ରାସ୍ତାରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ଗର୍ତ୍ତରେ ଏବେ ବର୍ଷା ପାଣି ଜମି ରହୁଛି। ଫଳରେ କୌଣସି ସମୟରେ ଦୁର୍ଘଟଣା ଘଟି ଯେ ଧନଜୀବନ ହାନି ନ ହେବ, ସେହି ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁନାହିଁ।

ବିଶେଷ କରି ଓଡ଼ାପଡ଼ା ବ୍ଲକରେ ସ୍ଥିତି ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ମୋଟଙ୍ଗା ଅଞ୍ଚଳରେ ଅସରାଏ ବର୍ଷାହେଲେ ୫୫ନଂ. ଏନ୍‌ଏଚ୍‌ରେ ଅଣ୍ଟାଏ ଉଚ୍ଚର ପାଣି ଚାଲୁଛି। ଯାନବାହନ ଚଳାଚଳ ଠପ୍ ହୋଇଯାଉଛି। ସେହିପରି ଓଭରବ୍ରିଜ୍ ଓ ହାତୀ ଚଲାପଥ ନିର୍ମାଣ କେବେ ସରିବ ସେ ସମ୍ପର୍କରେ ମଧ୍ୟ ଏନ୍‌ଏଚ୍‌ଏଆଇ ଅଧିକାରୀ ସ୍ପଷ୍ଟ କରୁନାହାନ୍ତି। ଫଳରେ ୨୦୨୩ ସୁଦ୍ଧା ରାଜପଥ ନିର୍ମାଣ କାର୍ଯ୍ୟ ସରିବା ନେଇ ଅନିଶ୍ଚିତତା ଦେଖାଦେଇଛି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଆବଶ୍ୟକ ହେଲେ ଦଳମତ ନିର୍ବିଶେଷରେ ଆନ୍ଦୋଳନ କରାଯିବ ବୋଲି ପୂର୍ବତନ ନଗରପାଳ ସୁରେନ୍ଦ୍ର ମିଶ୍ର ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ପୌରପାଳିକାର ପଲିଥିନ ଚଢ଼ାଉ

**ଅନୁଗୋଳ, ୪।୭ (ଅମିତ କୁମାର ସାମଲ):** ଅନୁଗୋଳ ପୌରପାଳିକା ପକ୍ଷରୁ ମଙ୍ଗଳବାର ଡେଲି ମାର୍କେଟ୍ ଓ ଇନ୍ଦିରା ମାର୍କେଟ୍‌ରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ୩ଟି ଦୋକାନ ଘର ସିଲ୍ କରାଯିବ ସହ ୩ ହଜାର ୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଅନୁଗୋଳ ପୌରପାଳିକା ଟ୍ୟାକ୍ସ ଦାରୋଗା ବିଭୂତି ଭୂଷଣ ମହାରଣାଙ୍କ ନେତୃତ୍ୱରେ ଏକ ଟିମ୍ ଡେଲି ମାର୍କେଟରେ ଏହି ଚଢ଼ାଉ କରିଥିଲେ। ସେଠାରେ ବେଆଇନ୍ ଭାବେ କରାଯାଇଥିବା ଏକ ଦୋକାନକୁ ଏହି ଟିମ୍ ସିଲ୍ କରିଥିଲେ। ଏହାପରେ ଇନ୍ଦିରା ମାର୍କେଟ୍‌ରେ ଗୋଟିଏ ଦୋକାନରୁ ପୁଳା ପୁଳା ପଲିଥିନ ବାହାରିବାରୁ ତାକୁ ମଧ ସିଲ୍ କରିଥିଲେ। ପରେ ଆଉ ଏକ ଦୋକାନ ଗୃହରୁ ପଲିଥିନ ବାହାରିବା ସହ ବକେୟା ଟଙ୍କା ଜମା କରି ନ ଥିବାରୁ ଉକ୍ତ ଦୋକାନକୁ ମଧ ସିଲ୍ କରିଥିଲେ। ଏଥିସହ ବିଭିନ୍ନ ସ୍ଥାନରେ ପଲିଥିନ ବ୍ୟବହାର ହେଉଥିବାରୁ ଉକ୍ତ ସ୍ଥାନରେ ମଧ ଚଢ଼ାଉ କରାଯାଇଥିଲା। ଅନୁଗୋଳରେ ନୋ ପଲିଥିନ୍ ଜୋନ୍ କରିବାକୁ ପୌରପାଳିକା ପକ୍ଷରୁ ଉଦ୍ୟମ କରାଯାଉଥିବା ସୂଚନା ପ୍ରଦାନ କରାଯାଇଛି।

# କଞ୍ଚାମାଲ ଅଭାବରୁ ହୋଇପାରୁନି କାର୍ଯ୍ୟକ୍ଷମ



**ପାଲଲହଡ଼ା,୪।୭(ଦିବ୍ୟଜ୍ୟୋତି ଦାଶ)**

ଗ୍ରାମାଞ୍ଚଳର ମହିଳା ହେବେ ସ୍ୱାବଲମ୍ବୀ। ଦୂରହେବ ସେମାନଙ୍କ ଆର୍ଥିକ ଦୁରବସ୍ଥା। ଏପରି ଲକ୍ଷ୍ୟରେ ଓଡ଼ିଶା ଜୀବିକା ମିଶନ (ଓଏଲ୍ଏମ୍) ପକ୍ଷରୁ ଏକ ଖଲି ଚଉପଦି ୟୁନିଟ୍ ବସାଇବା ପାଇଁ ଯୋଗାଇ ଦିଆଯାଇଥିଲା ଆର୍ଥିକ ସହାୟତା। ୮ ମାସ ହେଲା ଉକ୍ତ ୟୁନିଟ୍ ଉତ୍ପାଦନ ପାଇଁ ପ୍ରସ୍ତୁତ ହୋଇସାରିଛି। ହେଲେ କଞ୍ଚାମାଲ ଅଭାବରୁ ଏହା ହୋଇପାରୁ ନାହିଁ କାର୍ଯ୍ୟକ୍ଷମ।

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ପେଚମୁଣ୍ଡି ପଞ୍ଚାୟତରେ ରହିଛି ଏହି ଖଲି ଚଉପଦି ୟୁନିଟ୍। ପଞ୍ଚାୟତର କିଛି ମହିଳା ସଂଘକୁ ନେଇ ୨୦୨୧ ମସିହାରେ ପାଲଲହଡା ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଏକ ଉତ୍ପାଦନ ଗ୍ରୁପ୍ ତିଆରି କରାଯାଇଥିଲା। ଏହି ଗ୍ରୁପ୍‌ରେ ଥିବା ମହିଳା ସଂଘର ସଦସ୍ୟାମାନଙ୍କୁ ରୋଜଗାର ଦେବା ଉଦ୍ଦେଶ୍ୟରେ ଏକ ଖଲି ଚଉପଦି ୟୁନିଟ୍ ବସାଇବା ପାଇଁ ୨ ଲକ୍ଷ ୪ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ଏପରି କି ଏହି ୟୁନିଟ୍ ବସାଇବା ପାଇଁ ପେଚମୁଣ୍ଡି ପଞ୍ଚାୟତ ପକ୍ଷରୁ ବିନା ମୂଲ୍ୟରେ

■ଉତ୍ପାଦନ ଅପେକ୍ଷାରେ ଖଲି ଚଉପଦି ୟୁନିଟ୍
■୮ ମାସ ହେଲା ସରିଛି ଆନୁଷଙ୍ଗିକ କାର୍ଯ୍ୟ
■ସ୍ୱାବଲମ୍ବୀ ହୋଇପାରୁନାହାନ୍ତି ମହିଳା ସଂଘ

ଉକ୍ତ ମହିଳା ସଂଘକୁ ଏକ ଘର ମଧ ଯୋଗାଇ ଦିଆଯାଇଥିଲା। ପ୍ରାୟ ୮ ମାସ ହେବ ଉକ୍ତ ୟୁନିଟ୍ ଉତ୍ପାଦନ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇସାରିଛି। କିନ୍ତୁ ଆବଶ୍ୟକ କଞ୍ଚାମାଲର ଅଭାବ ଏଥିରେ ପ୍ରତିବନ୍ଧକ ସାଜିଛି। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କରାଯାଇଥିବା ମାନଦଣ୍ଡ ଅନୁଯାୟୀ ଖଲି, ଚଉପଦି ତିଆରି କରିବା ପାଇଁ ଆବଶ୍ୟକ ପଡୁଥିବା କଞ୍ଚାମାଲ ସ୍ଥାନୀୟ ବଜାରରେ ସହଜରେ ଉପଲବ୍ଧ ହେଉନାହିଁ। ଯେଉଁ କଞ୍ଚାମାଲ ମିଳୁଛି ସେଥିରେ ଖଲି, ଚଉପଦି ତିଆରି କରି ବଜାରରେ ବିକିଲେ ତାହା ବଜାର ଦରଠାରୁ ଢେର ଅଧିକ ରହିବ ଓ ବିକ୍ରି ହୋଇପାରିବ ନାହିଁ। ଏଥିଯୋଗୁ ଉକ୍ତ ୟୁନିଟ୍‌ରୁ ଖଣି ଓ ଚଉପଦି ଉତ୍ପାଦନ ହୋଇପାରୁ ନାହିଁ।

### ଯୋଗାଯୋଗ କରି ମଧ ବିଫଳ



ୟୁନିଟ୍ କାର୍ଯ୍ୟକ୍ଷମ ନିମନ୍ତେ ଆବଶ୍ୟକ ପଡୁଥିବା କଞ୍ଚାମାଲ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା କଞ୍ଚାମାଲ ବିକ୍ରେତାଙ୍କ ସହ ଯୋଗାଯୋଗ କରାଯାଇଥିଲା। ହେଲେ ଏଥିରେ ବିଫଳ ହେବାରୁ ଉତ୍ପାଦନ ଆରମ୍ଭ ହୋଇପାରୁ ନାହିଁ। ଏଥିରେ ପ୍ରଶାସନ ସହାୟତା କଲେ ସମସ୍ୟାର ସମାଧାନ ହୋଇପାରିବ।

- ଅଞ୍ଜଳି ନାୟକ, ମହିଳା ସଂଘ ସଭାପତି

### ପ୍ରଶାସନର ସହାୟତା ଜରୁରୀ



ଖଲି ଚଉପଦି ୟୁନିଟ୍‌ରୁ ଉତ୍ପାଦନ ଆରମ୍ଭ କରିବା ପାଇଁ ମହିଳା ସଂଘ ଆବଶ୍ୟକ କଞ୍ଚାମାଲ ଯୋଗାଡ଼ କରିପାରୁ ନାହାଁ। ଏ କ୍ଷେତ୍ରରେ ବ୍ଲକ ପ୍ରଶାସନ ଏବଂ ମିଶନ ଶକ୍ତି ପକ୍ଷରୁ ସହାୟତା ଜରୁରୀ ହୋଇପଡ଼ିଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯାଇପାରିଲେ ପଞ୍ଚାୟତର ମହିଳାମାନେ ଉପକୃତ ହୋଇପାରନ୍ତେ।

-ରମେଶ ଚନ୍ଦ୍ର ପ୍ରଧାନ, ସରପଞ୍ଚ

### ସହଯୋଗ ଯୋଗାଇ ଦିଆଯିବ



ପେଚମୁଣ୍ଡି ପଞ୍ଚାୟତରେ ଥିବା ଖଲି ଚଉପଦି ୟୁନିଟ୍ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା ଘଟଣା ପ୍ରଶାସନର ନଜରରେ ରହିଛି। ଖୁବ୍‌ଶୀଘ୍ର ଓରମାସ ସହ ଯୋଗାଯୋଗ କରାଯାଇ ଏହାକୁ ଚଳାଇବା ପାଇଁ କଞ୍ଚାମାଲର ବ୍ୟବସ୍ଥା କରାଯିବ। ଏଥିସହ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ବିକ୍ରୟ ନିମନ୍ତେ ସହଯୋଗ ଯୋଗାଇ ଦିଆଯିବ।

-ଦିଲୀପ କୁମାର ବାଡା, ବିଡିଓ, ପାଲଲହଡ଼ା

ଓଡ଼ିଶା ଜୀବିକା ମିଶନ ଓ ବ୍ଲକ ପ୍ରଶାସନ ଏଥିରେ ହସ୍ତକ୍ଷେପ କରି କଞ୍ଚାମାଲର ବ୍ୟବସ୍ଥା କରାଇଲେ ଏହି ୟୁନିଟ୍ ଠିକ୍ ଭାବେ ଚାଲିପାରନ୍ତା ଏବଂ ଅଞ୍ଚଳର ମହିଳାମାନଙ୍କୁ ରୋଜଗାର ମିଳିପାରନ୍ତା ବୋଲି ସଂଘ ସଦସ୍ୟାମାନେ କହିଛନ୍ତି।

# ପ୍ରାରମ୍ଭିକ ଶିକ୍ଷା ଅତି ଗୁରୁତ୍ୱପୂର୍ଣ୍ଣ

**ବଇଣ୍ଡା,୪।୭(ପରିକ୍ଷିତ ସାହୁ)**

ପଲାଙ୍କ ପ୍ରାରମ୍ଭିକ ଶିକ୍ଷା ଅତି ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକମାନେ ଏ ଦିଗରେ ଦୃଷ୍ଟି ଦେବା ଉଚିତ ବୋଲି ଆଦର୍ଶ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ସମ୍ବଳ ଗୃହର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ଏହା କହିଛନ୍ତି। କିଶୋରନଗର ବ୍ଲକ ଖଣ୍ଡହତା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଗୃହ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଲକ୍ଷ୍ମଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଦାଶରଥୀ ଶୁଣ୍ଡୀ, ସରପଞ୍ଚ ସଞ୍ଜିତ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତ୍ରିଲୋଚନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଶରତ କୁମାର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ବାମୁର ସିଆର୍‌ସିସି ବବ୍ରୁବାହାନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଧଉରାପାଲି କ୍ଲଷ୍ଟର ସିଆର୍‌ସିସି ସୁଦାମ ଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବ୍ଲକର ସମସ୍ତ ସିଆର୍‌ସିସି, ଅଭିଭାବକ ଓ ଅଭିଭାବିକା ତଥା ଗ୍ରାମବାସୀ ଉପସ୍ଥିତ ଥିଲେ।




ଆଦର୍ଶ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ସମ୍ବଳ ଗୃହର ଉଦ୍‌ଘାଟନ ଉତ୍ସବରେ ଅତିଥିମାନେ।

# ଶହୀଦ ସ୍ତମ୍ଭ ସମ୍ମୁଖରେ କଳା ଦିବସ ପାଳନ

**ତାଳଚେର,୪।୭(ମନୋଜ ନନ୍ଦ)**

ତାଳଚେର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମେଡିକାଲ କଲେଜ ପାଇଁ ଜେଲ୍ ଯିବାର ଏକ ବର୍ଷ ପୂରଣ ହୋଇଥିବାରୁ ମଙ୍ଗଳବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣ ଶହୀଦ ସ୍ତମ୍ଭ ସମ୍ମୁଖରେ କମିଟିର ଯୁଗ୍ମ ଆବାହକ ପ୍ରହ୍ଲାଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ କଳା ଦିବସ ପାଳନ କରାଯାଇଛି। ଆସନ୍ତା ୧ ଅକ୍ଟୋବର ଠାରୁ ତାଳଚେର ମେଡିକାଲ କଲେଜରେ ରୋଗୀ ସେବା ଆରମ୍ଭ କରା ନ ଗଲେ କ୍ରିୟାନୁଷ୍ଠାନ କମିଟି ଗାନ୍ଧୀ ଜୟନ୍ତୀ ଦିନ ୧୨ ଘଣ୍ଟିଆ ତାଳଚେର ବନ୍ଦ ପାଳନ କରିବ ଓ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅର୍ଥନୈତିକ ଅବରୋଧ କରାଯିବ ବୋଲି ଘୋଷଣା କରାଯାଇଛି। ପୂର୍ବତନ ନଗରପାଳ କେଶବ ଭୂତିଆ, ପ୍ରେମାନନ୍ଦ ମହାନ୍ତି, ଗଗନ ଦାସ, ସୁକାନ୍ତ ଦାସ, ଚୈତନ୍ୟ ପ୍ରଧାନ, ଶୋଭାଗିନୀ ଦାସ, କୈଳାସ ସାହୁ, ରଣଜିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ଅଗ୍ରାଧିକାର ପାଇବେ ତାଳଚେର ଟ୍ରକ୍ ମାଲିକ

### କୋଇଲା ପରିବହନ ନେଇ ଟ୍ରକ୍ ମାଲିକ ସଂଘ ବୈଠକ

**ତାଳଚେର,୪।୭(ମନୋଜ ନନ୍ଦ)**

କୋଇଲା ପରିବହନରେ ତାଳଚେରର ମୂଳ ବାସିନ୍ଦା ଥିବା ଟ୍ରକ୍ ମାଲିକମାନଙ୍କ ଗାଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଲୋଡିଂ ଦିଆଯିବ। ରବିବାର ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ତାଳଚେର ଟ୍ରକ୍ ମାଲିକ ସଂଘ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ପ୍ରକାଶ ଯେ, ତାଳଚେର ଟ୍ରକ୍ ମାଲିକ ସଂଘ ସଭାପତି ଅରବିନ୍ଦ ଭୂତିଆଙ୍କ ନେତୃତ୍ୱରେ ଭରତପୁର ଅତିଥି ଭବନଠାରେ ସଂଘର ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଟ୍ରକ୍ ମାଲିକ ସଂଘର ସମସ୍ତ କର୍ମକର୍ତ୍ତା ଏବଂ



ବୈଠକରେ ବିଧାୟକଙ୍କ ସହ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତାମାନେ।

ପ୍ରତ୍ୟେକ କୋଇଲା ସେକ୍ଟର ସଭାପତି ଉପସ୍ଥିତ ଥିଲେ। ଏଥିରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ତାଳଚେରର ମୂଳ ସ୍ଥାୟୀ ବାସିନ୍ଦା ଥିବା ଟ୍ରକ୍ ମାଲିକମାନଙ୍କ ଗାଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଲୋଡିଂ ଦିଆଯିବ। ଏହାପରେ ତାଳଚେର ବାହାରୁ ଆସି ବାସିନ୍ଦା ହୋଇଥିବା ଗାଡି ମାଲିକଙ୍କ ଗାଡ଼ିକୁ ଲୋଡିଂ ସୁଯୋଗ ମିଳିବ। ସେହିପରି ତାଳଚେର ତଥା ଜିଲାର ବାହାର ଗାଡ଼ିକୁ ଶେଷ ପର୍ଯ୍ୟାୟରେ ଲୋଡିଂ ସୁଯୋଗ ମିଳିବ। ଆଗକୁ ଶାନ୍ତି ଶୃଙ୍ଖଳାର ସହ ଗାଡ଼ିରେ କୋଇଲା ଲୋଡିଂ ହେବ। ଚାଲାଣ ଉପରେ ପୂର୍ବରୁ ନିଷ୍ପତ୍ତି ଅନୁସାରେ ରେଟ୍ ଧାର୍ଯ୍ୟ କରାଯିବ। ଏଥିସହ ତାଳଚେରରେ କାର୍ଯ୍ୟରତ ଟ୍ରାନ୍ସପୋର୍ଟରମାନଙ୍କ ସହଯୋଗ ଆବଶ୍ୟକ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଆସନ୍ତା ୫ ତାରିଖ ବୁଧବାର ଠାରୁ ଚାଲାଣରେ ରେଟ ଧାର୍ଯ୍ୟ କରିବା ଓ ବୈଠକର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯିବ ବୋଲି ସ୍ଥିର ହୋଇଥିଲା। ବୈଠକର ସମ୍ପୂର୍ଣ୍ଣ ବିବରଣୀ ଜିଲାପାଳଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯିବା ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ଆବାସରେ ଅନିୟମିତତା ଅଭିଯୋଗ

**ଅନୁଗୋଳ, ୪।୭ (ଅମିତ କୁମାର ସାମଲ)**

ବଣଁରପାଳ ବ୍ଲକ ତଳମୂଳ ପଞ୍ଚାୟତର ଶିମିଳିଝୁଇଁ ଗ୍ରାମରେ ଆବାସ ଯୋଜନାରେ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି। ଗ୍ରାମର ଆରତୀ ଦାଶ ଏ ନେଇ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଆରତୀ ଦର୍ଶାଇଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ତାଙ୍କ ନାମ (କ୍ରମାଙ୍କ ନଂ.୬) ରହିଥିଲା। ହେଲେ ପରବର୍ତ୍ତୀ ସମୟରେ ଉକ୍ତ ତାଲିକାରୁ ତାଙ୍କ ନାମକୁ ବାଦ୍ ଦିଆଯାଇଥିଲା। ତେବେ ଉକ୍ତ ତାଲିକାରେ ଜଣେ ଦୁଇ ମହଲା ଘର, ୪ ଚକିଆ ଗାଡ଼ି ଥିବା ବ୍ୟକ୍ତିଙ୍କ ନାମ ରହିଛି। ଗ୍ରାମର କେତେଜଣ କୁଜି ପ୍ରଶାସନର ସହଯୋଗ ନେଇ ଏପରି କରିଛନ୍ତି। ଘଟଣା ସମ୍ପର୍କରେ ବିଡିଓ ଏଲିଜା ମିଶ୍ରଙ୍କୁ ଯୋଗାଯୋଗ କରାଯିବାକୁ ଉଦ୍ୟମ କରାଯାଇଥିଲେ ହେଁ ସେ ଫୋନ୍ ଉଠାଉ ନ ଥିବାରୁ ମତାମତ ମିଳିପାରି ନାହିଁ।

# ଶିଳ୍ପନଗରୀରେ କାୟା ବିସ୍ତାର କରୁଛି ଧଳାଜହର

**ବଣଁରପାଳ,୪।୭(ଉପେନ୍ଦ୍ର ରାଉତ)**

ଅନୁଗୋଳ ଜିଲାର ଶିଳ୍ପ ନଗରୀ ନାଲ୍‌କୋନଗରରେ କାୟା ବିସ୍ତାର କରିଚାଲିଛି ଧଳାଜହର ବା ବ୍ରାଉନସୁଗାର। ଧୀରେ ଧୀରେ ଏହାର ଚେର ଏଠାରୁ ବିଭିନ୍ନ ଅଞ୍ଚଳକୁ ବ୍ୟାପିବାରେ ଲାଗିଛି। ଅନେକ ନିର୍ଜନ ସ୍ଥାନରେ ଯୁବକମାନେ ଏହି ନିଶା ସେବନ କରୁଥିବା ଦେଖାଯାଉଛି। ଚୋରା ବ୍ୟବସାୟୀମାନେ ଏଥିରୁ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଥିବା ବେଳେ କେତେଜଣ ମହିଳା ମଧ ଏହି କାରବାରରେ ସମ୍ପୃକ୍ତ ଥିବା ଜଣାପଡ଼ିଛି।

ବଳରାମପ୍ରସାଦ ପାହାଡ, ନାଲ୍‌କୋ ଆଶ୍ରପଣ୍ଡ, ଗୋତମରା, କନ୍ୟାବେଡା, ଗିରାଙ୍ଗ, କୁକୁଡାଙ୍ଗ, ଅମାନ୍ତପୁର କ୍ରଶର ନିକଟ ପଡିଆ, ନାଲ୍‌କୋକଲୋନୀ ଆଦି ବିଭିନ୍ନ ସ୍ଥାନରେ ଯୁବକମାନେ ଏହି ବ୍ରାଉନସୁଗାର ନିଶା କବଳରେ ପଡ଼ିଥିବା ଦେଖାଯାଉଛି। ଏଥିଯୋଗୁ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ, ଚୋରି ଆଦି ବୃଦ୍ଧି ପାଇବାରେ ଲାଗିଛି। ଏହି ଚୋରା କାରବାର ଦୀର୍ଘଦିନ ଧରି ଚାଲିଥିଲେ ମଧ ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ସେପରି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ନାଲ୍‌କୋ ମୁଣ୍ଡାହଟିଂ ମଧ ଏହି ଚୋରା କାରବାରରୁ ବାଦ୍ ପଡ଼ିନାହିଁ। ସେହିପରି ନାଲ୍‌କୋନଗର ଅଞ୍ଚଳର କେତେକ ଡାବା, ହୋଟେଲ, ଡେଜରାତି ଦୋକାନ, ପାନ ଦୋକାନରେ ଚୋରା ମଦ କାରବାର ମଧ ବୃଦ୍ଧି ପାଇବାରେ ଲାଗିଛି। ତୁରନ୍ତ ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ଓ ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ଅନୁଗୋଳ ଅବକାରୀ ଅଧୀକ୍ଷକ ମଧୁସ୍ମିତା ନାୟକ କହିଛନ୍ତି, ନାଲ୍‌କୋ ଅଞ୍ଚଳରେ ବ୍ରାଉନସୁଗାର କାରବାର ଚାଲିଥିବା ଅଭିଯୋଗ ହେଉଛି। ଏଥିପାଇଁ ଚଢ଼ାଉ ମଧ କରାଯାଉଛି। ଏହି କାରବାର କିପରି ରୋକାଯିବ ସେଥିପାଇଁ ଉଦ୍ୟମ କରାଯିବ।

# ଫେରାର ବ୍ୟବସାୟୀ ଗିରଫ

**ଅନୁଗୋଳ, ୪।୭ (ଅମିତ କୁମାର ସାମଲ)**

ଅନୁଗୋଳ ପୋଲିସକୁ ମଙ୍ଗଳବାର ଏକ ବଡ଼ ସଫଳତା ମିଳିଛି। ବ୍ରାଉନସୁଗାର କାରବାରରେ ଲିପ୍ତ ଥାଇ ଫେରାର ଥିବା ନାଲ୍‌କୋ ଥାନା ଗିରାଙ୍ଗ ଗ୍ରାମର ଝିଲି ସାହୁ(୨୭)ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଦୀର୍ଘ ଦିନ ହେବ ସେ ଆତ୍ମଗୋପନ କରିଥିଲେ ହେଁ ଅନୁଗୋଳ ପୋଲିସ ବିଶ୍ୱସ୍ତସୂତ୍ରରୁ ଖବରପାଇ ବଳରାମପ୍ରସାଦ ଅଞ୍ଚଳରେ ଚଢ଼ାଉ କରି ଝିଲିଙ୍କୁ ଗିରଫ କରିଥିଲା। ପୋଲିସ କହିଛି, ଗତ ମାର୍ଚ୍ଚ ୨୭ରେ ବ୍ରାଉନସୁଗାର କାରବାର ନେଇ ଅନୁଗୋଳ ଥାନାରେ ନଂ. ୧୫୩/୨୩ରେ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାରେ ଗୀତାଗ୍ରାମ କାଳୀ ମନ୍ଦିର ନିକଟରେ ଚଢ଼ାଉ କରାଯାଇ ୪ ଜଣଙ୍କୁ ଗିରଫ କରାଯାଇଥିଲା। ହେଲେ କିଙ୍ଗପିନ୍ କୁହାଯାଉଥିବା ଝିଲି ସାହୁ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଅନୁଗୋଳ ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବା ଅନୁଗୋଳ ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ନୂତନ ଇଡିଙ୍କୁ ଭେଟିଲେ ନେପୁ କର୍ମକର୍ତ୍ତା



**ବଣଁରପାଳ,୪।୭ (ଉପେନ୍ଦ୍ର ରାଉତ)**

ନାଲ୍‌କୋର ନୂତନ ଇଡି ଅମୀୟ ସ୍ୱାଇଁଙ୍କୁ ମଙ୍ଗଳବାର ନେପୁ କର୍ମକର୍ତ୍ତାମାନେ ସାକ୍ଷାତ କରିଛନ୍ତି। ଏହି ଅବସରରେ କର୍ମକର୍ତ୍ତାମାନେ ପ୍ଲାଣ୍ଟର ବିଭିନ୍ନ ସମସ୍ୟା, ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ଓ ସ୍ମେଲଟର ଛକଠାରୁ ପ୍ଲାଣ୍ଟକୁ ବାଇପାସ ରାସ୍ତା ନିର୍ମାଣ ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ନେପୁ ସାଧାରଣ ସମ୍ପାଦକ ବୈରାଗୀ ସେଠଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଇଡିଙ୍କୁ ସାକ୍ଷତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶରତ ବେହେରା, ସତ୍ୟଜିତ୍ ବିଶ୍ୱାଳ, ସ୍ୱରୂପ ଗଡ଼ନାୟକ, ପ୍ରଶାନ୍ତ ସ୍ୱାଇଁ, ସୁଲତାନ ଦେହୁରୀ, ତନଲୁ ସାହୁ, ଅସିତ ସାହୁ, ଅଜିତ ଦାସ, ବାବୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୧୧ ବର୍ଷ ପରେ ଚାଲିଲା ସ୍କ୍ୱାକାଷ୍ଟିଂ ପ୍ରୋଜେକ୍ଟ

**ବଣଁରପାଳ,୪।୭(ଉପେନ୍ଦ୍ର ରାଉତ)**

ଅନୁଗୋଳ ଜିଲାର ନବରତ୍ନପ୍ରାପ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋ ପ୍ଲାଣ୍ଟର କାଷ୍ଟହାଉସ ବି ପରିସରରେ ଥିବା ଡାଇରେକ୍ଟ ସ୍କ୍ୱାକାଷ୍ଟିଂ ପ୍ରୋଜେକ୍ଟ ଦୀର୍ଘ ୧୧ ବର୍ଷ ପରେ ସୋମବାରଠାରୁ କାର୍ଯ୍ୟକ୍ଷମ ହୋଇଛି। ୨୦୧୩ ମସିହାରେ ତତ୍କାଳୀନ ସିଏମ୍‌ଡି ଅଂଶୁମାନ ଦାସ ଏହି ୧୦୦ କୋଟି ଟଙ୍କା ପ୍ରୋଜେକ୍ଟର ଉଦ୍‌ଘାଟନ କରିଥିଲେ। ହେଲେ ଉଦ୍‌ଘାଟନ ବେଳେ କୌଣସି କାରଣରୁ ଏଥିରେ ବିସ୍ଫୋରଣ ହେବାରୁ ସିଏମ୍‌ଡି ଦାସଙ୍କ ସମେତ ୨ ଶ୍ରମିକ ଆହତ ହୋଇଥିଲେ। ସେବେଠାରୁ ଏହା ବନ୍ଦ ରହିଥିଲା। ଏ ନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ତେବେ ଦୀର୍ଘଦିନ ପରେ ଏହି ପ୍ରୋଜେକ୍ଟ କାର୍ଯ୍ୟକ୍ଷମ ହୋଇଥିବାରୁ କର୍ମଚାରୀ ମହଲରେ ଖୁସିର ଲହରୀ ଖେଳିଯାଇଛି। ଏ ସମ୍ପର୍କରେ କାଷ୍ଟହାଉସ ବି ଡିଜିଏମ୍ କେ. ଝା କହିଛନ୍ତି, ଦୀର୍ଘଦିନ ପରେ ସ୍କ୍ୱାକାଷ୍ଟିଂ ପ୍ରୋଜେକ୍ଟ ଚାଲିଲା। ଏହାକୁ ସ୍ଥାୟୀ ଭାବେ ଚଳାଇବା ପାଇଁ ଉଦ୍ୟମ ଜାରି ରହିଛି।



ଡାଇରେକ୍ଟ ସ୍କ୍ୱାକାଷ୍ଟିଂ ପ୍ରୋଜେକ୍ଟ।

# ଅଢ଼େଇଘଣ୍ଟା ଧରି ଏସ୍‌ଟିଏର ଅନୁଧ୍ୟାନ

**ଅନୁଗୋଳ, ୪।୭ (ଅମିତ କୁମାର ସାମଲ)**

ଅନୁଗୋଳ କରଡ଼ାଗାଡ଼ିଆଠାରେ ଗତ ରବିବାର ଟ୍ରକ୍ ଧକ୍କାରେ ଏକ ଦମ୍ପତିଙ୍କ ମୃତ୍ୟୁ ହୋଇଥିଲା। ୨ ଟ୍ରକ୍ ମଝିରେ ଚାପି ହୋଇ ବନ୍ତଳା ଥାନା ଗୁରଙ୍ଗ ଗ୍ରାମର ଅକ୍ଷୟ ବେହେରା ଓ ତାଙ୍କ ସ୍ତ୍ରୀ ମମତା ବେହେରାଙ୍କ ଜୀବନ ଯାଇଥିଲା। ଏହି ଦୁର୍ଘଟଣା ପରେ ଦୀର୍ଘ ସାଢ଼େ ୬ ଘଣ୍ଟା ଧରି ୫୫ନଂ. ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ତେବେ କେଉଁ କାରଣରୁ ଏହି ଦୁର୍ଘଟଣା ଘଟିଲା, ସେ ନେଇ ମଙ୍ଗଳବାର ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ)ର ୪ ଜଣିଆ ଟିମ୍ ଅନୁଗୋଳ ଗସ୍ତରେ ଆସି ଦୀର୍ଘ ଅଢ଼େଇ ଘଣ୍ଟା କାଳ ଅନୁଧ୍ୟାନ କରିଛନ୍ତି। ରୋଡ୍ ସେଫ୍ଟି ବିଭାଗର ୨ ଜଣ ଅଧିକାରୀ, ଜାତୀୟ ରାଜପଥ କାର୍ଯ୍ୟ କରୁଥିବା ଠିକା ସଂସ୍ଥାର ଇଞ୍ଜିନିୟର ଓ ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଏମ୍‌ଭିଆଇ ଏହି ଟିମ୍‌ରେ ସାମିଲ ଥିଲେ।



ସଦର ଥାନା ପୋଲିସ ସହ ଘଟଣାସ୍ଥଳକୁ ଯାଇଥିବା ଏସ୍‌ଟିର ଅଧିକାରୀମାନେ ଦୁର୍ଘଟଣାର ଟିକିନିଖି କାରଣ ଖୋଜିଥିଲେ। କେଉଁ କାରଣରୁ ଦମ୍ପତିଙ୍କୁ ଟ୍ରକ୍ ଧକ୍କା ଦେଲା, ଦୁର୍ଘଟଣା ସମୟରେ ଜାତୀୟ ରାଜପଥର ସ୍ଥିତି କ'ଣ ଥିଲା, ରାସ୍ତା ଅବସ୍ଥା କିଭଳି ରହିଛି, ଟ୍ରକ୍ ଚାଳକ ବ୍ରେକ୍ ଲଗାଇଥିଲେ କି ନାହିଁ, ଟ୍ରକ୍‌ର ବେଗ କେତେ ଥିଲା, ଏ ସମସ୍ତ ଦିଗକୁ ଏସ୍‌ଟିଏ ସଦସ୍ୟମାନେ ତର୍ଜମା କରିଥିଲେ। ସେଠାରୁ ସମସ୍ତ ତଥ୍ୟ ସଂଗ୍ରହ କରିବା ପରେ ହୁଲୁରିସିଂହା ଛକକୁ ଆସି ମଧ ଅନୁଧ୍ୟାନ କରିଥିଲେ। ପରେ ସଦର ଥାନାକୁ ଯାଇ ଦୁର୍ଘଟଣାଗ୍ରସ୍ତ ଗାଡ଼ିର ଅବସ୍ଥା ତନଖି କରିଥିଲେ। ସମସ୍ତ ତଥ୍ୟ ଲିଖିତ ଭାବେ ନେବା ସହ ପାରିପାର୍ଶ୍ୱିକ ପରିସ୍ଥିତି ସମ୍ପର୍କରେ ଫଟୋ ଉତ୍ତୋଳନ କରି ନେଇଥିଲେ।

■ଉଠାଣି ଥିବାରୁ ଟ୍ରକ୍‌ର ବେଗ ଅଧିକ ଥିଲା
■ଟ୍ରାଫିକ ସିଗ୍‌ନାଲ ଦିଆଯାଇ ନ ଥିବାରୁ ଭାରିଯାନର ଲମ୍ୱା ଲାଇନ
■ଦୃଶ୍ୟମାନ ହେଉ ନ ଥିଲା ବେଗ ସମ୍ପର୍କିତ ସୂଚନା ବୋର୍ଡ

ଦୁର୍ଘଟଣା ଘଟିଥିବା ସ୍ଥାନ ଉଠାଣି ଥିଲା। ହୁଲୁରିସିଂହା ଛକରେ ଥିବା ଟ୍ରାଫିକ୍ ପୋଷ୍ଟରେ ସିଗନାଲ୍ ଦିଆଯାଇ ନ ଥିଲା। ଫଳରେ କରଡ଼ାଗାଡ଼ିଆ ପେଟ୍ରୋଲ ପମ୍ପ ଯାଏ ଭାରିଯାନର ଲମ୍ୱା ଲମ୍ୱା ଲାଇନ ଲାଗିଥିଲା। ଏହି ସମୟରେ ସମ୍ପୃକ୍ତ ଦମ୍ପତି ଗାଡ଼ିର ବେଗ କମାଇ ଦେବାରୁ ପଛରୁ ଆସୁଥିବା ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ସେହିପରି ରାଜପଥ ପାର୍ଶ୍ୱରେ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଲଗାଯାଇଥିବା ବେଗ ସମ୍ପର୍କିତ ସୂଚନା ବୋର୍ଡ ଜଙ୍ଗଲରେ ଲୁଚି ଯାଇଥିବା ଦେଖିବାକୁ ମିଳିଥିଲା। ଦୁର୍ଘଟଣା ସମ୍ପର୍କରେ ସମସ୍ତ ଅନୁଧ୍ୟାନ ପରେ ଏସ୍‌ଟିଏ ଟିମ୍ କଟକ ଫେରିଯାଇଥିବା ସୂଚନା ମିଳିଛି। ଏହି ଏସ୍‌ଟିଏ ଟିମ୍‌ରେ ସବ୍ ମ୍ୟାଟର ସ୍ପେଶାଲିଷ୍ଟ ଅଭିଷେକ ଜେନା, ପ୍ରଦୀପ୍ତ କୁମାର ବାରିକ, ଏନ୍‌ଏଚଏଆଇ ଠିକା କାର୍ଯ୍ୟ କରୁଥିବା ସଂସ୍ଥାର ସାଇଟ୍ ଇଞ୍ଜିନିୟର ଅମିତ କୁମାର ବିଶୋଇ, ସଚ୍ଚିନାଥ ସାହୁ, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ଦିବ୍ୟଜ୍ୟୋତି ମହାନ୍ତ, ଅନୁଗୋଳ ସଦର ଥାନା ଏସ୍‌ଆଇ ତୁଷାରକାନ୍ତ ମହାନ୍ତିଙ୍କ ସହ ପରିବହନ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ। ଏମ୍‌ଭିଆଇ ଦିବ୍ୟଜ୍ୟୋତି ମହନ୍ତ କହିଛନ୍ତି, ଟିମ୍ ଆସି ଅନୁଧ୍ୟାନ କରି ଫେରିଛି। ରିପୋର୍ଟ ପ୍ରସ୍ତୁତ କରାଯାଇ ସରକାରଙ୍କୁ ପ୍ରଦାନ କରାଯିବ।

